www.prepp.in

Prepp
Your Personal Exams Guide

**Lang. Code : 14**

इस पुस्तिका में 20 पृष्ठ हैं ।
This booklet contains **20** pages.

# ATA-19-I

**प्रश्न-पत्र I / PAPER I**
**उड़िया भाषा परिशिष्ट**
**Odia Language Supplement**
**भाग IV & V / PART IV & V**

परीक्षा पुस्तिका संकेत
**Test Booklet Code**

**A**

परीक्षा पुस्तिका संख्या
**Test Booklet No.**

**इस परीक्षा पुस्तिका को तब तक न खोलें जब तक कहा न जाए ।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 19 व 20)पर दिए निर्देशों को ध्यान से पढ़ें ।**
**Read carefully the Instructions on the Back Cover (Page 19 & 20) of this Test Booklet.**

**उड़िया में निर्देशों के लिए इस पुस्तिका का पृष्ठ 2 देखें । / For instructions in Odia see Page 2 of this Booklet.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो या तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** ।
2. परीक्षार्थी भाग I, II, III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत** है **A** । यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है । अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा I - (उड़िया) (प्र. 91 से प्र. 120)
   भाग-V : भाषा II - (उड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए ।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग-IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Parts I, II, III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page / marking responses in the Answer Sheet.
5. The CODE for this Language Booklet is **A**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language I - (Odia) (Q. 91 to Q. 120)
   Part-V : Language II - (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part -V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ______________________
Name of the Candidate (in Capitals) :
अनुक्रमांक : (अंकों में) ______________________
Roll Number : in figures
: (शब्दों में) ______________________
: in words
परीक्षा केन्द्र (बड़े अक्षरों में) : ______________________
Centre of Examination (in Capitals) :
परीक्षार्थी के हस्ताक्षर : ______________ निरीक्षक के हस्ताक्षर : ______________
Candidate's Signature : Invigilator's Signature :
Facsimile signature stamp of
Centre Superintendent ______________________

**A**

www.prepp.in
Prepp
Your Personal Exams Guide



**Lang. Code : 14**

# ATA-19-I

ଏହି ପୁସ୍ତକରେ 20 ପୃଷ୍ଠା ଅଛି ।

## ପ୍ରଶ୍ନପତ୍ର I
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

ପରୀକ୍ଷା ପୁସ୍ତକ କୋଡ

**A**

ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।

ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ନ୍ତୁ ।

ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।
2. ପରୀକ୍ଷାର୍ଥୀ I, II, III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **A** । ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା-2**ରେ ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁ ଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ (ବଡ ଅକ୍ଷରରେ ଲେଖନ୍ତୁ) : ______________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ______________________

: ଶବ୍ଦରେ ଲେଖନ୍ତୁ ______________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ______________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of
Centre Superintendent : ______________________

www.prepp.in



ପରୀକ୍ଷାର୍ଥୀ **ଭାଷା – I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – IV** ରେ **(ପ୍ରଶ୍ନ ସଂଖ୍ୟା 91-120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV [Q. No. 91 – 120]**, if they have opted **ODIA** as **LANGUAGE – I** only.

www.prepp.in



ଭାଗ – IV

ଭାଷା – I

ଓଡ଼ିଆ

| |
|---|
| ପରୀକ୍ଷାର୍ଥୀ ଭାଷା – I ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – IV ରେ (ପ୍ରଶ୍ନ ସଂଖ୍ୟା 91-120) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ ସଂଖ୍ୟା 91 ରୁ 99 ର ଉତ୍ତର ପ୍ରଦାନ କର ।**

ବଟୁଆରେ ଆମର ଲୋଡ଼ା ସବୁ ଜିନିଷ ରହେ । ତାଙ୍କର ଏ ଥଳିଗୁଡ଼ାକ କନାରେ ତିଆରି, ଆଉ ବଟୁଆଗୁଡ଼ାକ ମଧ୍ଯ କନାରେ ତିଆରି । ତାଙ୍କ ବ୍ୟାଗଗୁଡ଼ାକ ଚହଟ ଚିକ୍‌କଣ ବେଳେବେଳେ ହୋଇଥାଏ, ଆମ ବଟୁଆରେ ମଧ୍ଯ ରୁପାଫୁଲ ଚିତ୍ରକନା ଦେଇ ଚହଟ ଚିକକଣ କରାଯାଏ । ଖାଲି ପ୍ରଭେଦ ଏତିକି ଯେ ତାଙ୍କ ବ୍ୟାଗଗୁଡ଼ାକ ବନ୍ଦ ହେଲେ ମଧ୍ଯ ତାର ମୁହଁମାନ ଓସାରିଆ, ଆଉ ଆମ ବଟୁଆ ବନ୍ଦ ହେଲେ ମଧ୍ଯ ତାର ମୁହଁଟା ଗୋଜିଆ । ସେପରି ହେବାର ଗୋଟାଏ କାରଣ ଅଛି । ସେ ହେଉଛି ଜାତି ଲକ୍ଷଣ । ସାଇବ ସାଇବାଣୀ କାମବେଳେ ତ ଗର୍ଜନ କରନ୍ତି ; କାମ ନଥିଲାବେଳେ ମଧ୍ଯ ଗର୍ଜନ କରୁଥାନ୍ତି । ଗର୍ଜନ କରିବା ତାଙ୍କ ଜାତିର ଲକ୍ଷଣ । ବିଲାତି ସିଂହ ତା ଜନ୍ମଦିନୁ ଗର୍ଜନ ନ କରି ରହି ଶିଖିନାହିଁ । କାମୁଡ଼ା ଜୋରରେ ଯେତେ ନୁହେଁ, ଖାଲି ଏହି ଗର୍ଜନ ଜୋରରେ ବିଲାତି ସିଂହ ପୃଥିବୀଟା ମାଡ଼ିବସିଛି । ଏ ଭୂକିଲା ବୁଲ ଡଗ୍ ଖାଲି ଭୁକେ ନାହିଁ, ଦରକାର ବେଳେ କାମୁଡ଼େ ମଧ୍ଯ । ଭୂକି ଭୁକି ଯେବେ ହାଡ ଖଣ୍ଡକ ଆଉ କୁକୁର ମୁହଁରୁ ମାରିନେଲା ; ତେବେ ତ ଭଲ ; ଯେବେ ଭୁକିବାରେ କାମ ହାସଲ ନହୁଏ ; ତାହାହେଲେ କାମୁଡ଼ି ମଧ୍ୟ ଦିଏ । ଭୂକିବା ପଛକୁ କାମୁଡ଼ିବା ଧମକଟି ଅଛି ବୋଲି, ତାଙ୍କ ଗର୍ଜନକୁ ଲୋକେ ଡରିଯାନ୍ତି । ଆମ ପୂର୍ବପୁରୁଷ ଆମର ଓଡ଼ିଆ ଷଣ୍ଢ କାମବେଳେ ଗର୍ଜନ କରୁଥିଲେ । କାମ ସରିଗଲେ ମୁହଁ ବନ୍ଦ କରି ଘରେ ରହୁଥିଲେ । ଖାଲି ମିଛ ବୋବାଳି, ଏ ଜାତିଟା ଜାଣି ନ ଥିଲା । ଓଡ଼ିଆ ସୈନ୍ୟ, ଓଡ଼ିଆ ବେପାରୀ, ଓଡ଼ିଆ ବାବାଜି, ଓଡ଼ିଆ ବାଟୁଆ, ଦେଶ ଜୟ କରି, ବେପାର କରି, ରୋଜଗାର କରି ଯାଉଥିଲେ, ହୁଂକାର ଦେଉଥିଲେ, ଗୀତ ଗାଉଥିଲେ, ଖୁବ୍ ପାଟି ତୁଣ୍ଡ କରୁଥିଲେ । କାମ ହାସଲ କରି ଯେତେବେଳେ ଘରକୁ ଫେରୁଥିଲେ, ସେତେବେଳେ ଘରଣୀମାନଙ୍କ ପାଖରେ ଏକାବେଳେକେ ମୁହଁରେ ୧୪୪ ଧାରା । ଖଣ୍ଡା ତଲୁଆର ଥୋଇଦେଇ ଲଙ୍ଗଳ ମୁଠି ଧରିବା ଓ ଲଙ୍ଗଳ ମୁଠି ଛାଡ଼ିଦେଇ ଖଣ୍ଡା ତଲୁଆର ଧରିବା ସେମାନଙ୍କ ପକ୍ଷରେ ଯେପରି ସହଜ ଥିଲା, ବାଟର ଦୁଃଖ କ୍ଲେଶ ସାଙ୍ଗରେ ଘରଣୀଙ୍କ କଅଁଳ ଛାତିରେ ଆଖି ବୁଜି ପଡ଼ିରହିବାର ଅଦଳ ବଦଳ ମଧ୍ଯ ସେହିପରି ସହଜ ଥିଲା । ସେହି ହେତୁରୁ ବଟୁଆଟି ଥିଲା ତାଙ୍କର ଚିରସାଥୀ । ସମୁଦ୍ରର ଅତଳ ପାଣିରେ ବଟୁଆ, ଯୁଦ୍ଧକ୍ଷେତ୍ରରେ ମଶାଣି ଭୂଇଁରେ ବଟୁଆ "କେଳିସଦନର କରୀନ୍ଦ୍ର ଦନ୍ତ ପଲଙ୍କ" ପାଖରେ ମଧ୍ଯ ବଟୁଆ । ଚିର ଜାଗ୍ରତ ଥିଲା ଏ ଜାତି । ଚିର ଜାଗ୍ରତ ଅଛି ମଧ୍ଯ ବିଲାତି ଜାତି । ତାଙ୍କ ହ୍ୟାଣ୍ଡ ବ୍ୟାଗ, ହାଭରସାକ୍ ବା ନାପସାକ୍ ସବୁବେଳେ ହାତ ପାଖରେ ; ସବୁବେଳେ ତିଆର । କିନ୍ତୁ ଆମେ ପରଗତିଆ, ଆଗଡ଼ିଆଁ ସଭ୍ୟ ଶିକ୍ଷିତ ଓଡ଼ିଆଙ୍କ ନାକକୁ, କାନକୁ, ଆଖିକି, ମୁଣ୍ଡକୁ ଓ ଅଣ୍ଟାକୁ ଏ ବଟୁଆ ଅସୁନ୍ଦର, ଅକଡ଼ିଆ ।

91. ଆମ ବଟୁଆ ବନ୍ଦହେଲେ ତାର ମୁହଁଟି କିପରି ଦେଖାଯାଏ ?
(1) ସରୁଆ
(2) ଓସାରିଆ
(3) ଗୋଜିଆ
(4) ମୋଟାଳିଆ

92. କିଏ ତା' ଜନ୍ମଦିନରୁ ଗର୍ଜନ ନ କରି ରହି ଶିଖିନାହିଁ ?
(1) ଭାରତୀୟ ସିଂହ
(2) ବିଲାତି ସିଂହ
(3) ପାକିସ୍ଥାନୀ ସିଂହ
(4) ଇରାନୀ ସିଂହ

93. ଓଡ଼ିଆ ସୈନ୍ୟ ଦେଶ ଜୟ କରି ଗଲାବେଳେ କ'ଣ କରୁଥିଲେ ?
(1) ନିଶାଣ ପରଖୁଥିଲେ
(2) ଆଖିତରାଟି ଚାହୁଁଥିଲେ
(3) ନାଟ ଦେଖାଉଥିଲେ
(4) ହୁଙ୍କାର ଦେଉଥିଲେ

94. 'କେଳିସଦନ' ର କେଉଁ ବିଗ୍ରହବାକ୍ୟଟି ଠିକ୍ ?
(1) କେଳି ରୂପକ ସଦନ
(2) କେଳି ଅଟେ ସଦନ
(3) କେଳି ଚିହ୍ନିତ ସଦନ
(4) କେଳି ପାଇଁ ସଦନ

95. ଆମ ବଟୁଆ କେଉଁଥିରେ ତିଆରି ହୋଇଥାଏ ?
(1) ଜରିରେ
(2) କନାରେ
(3) ଚମଡ଼ାରେ
(4) ଝୋଟରେ

96. ଏହି ଅନୁଚ୍ଛେଦଟିରେ କେଉଁ ଶବ୍ଦଟି ବ୍ୟବହୃତ ହୋଇଛି ?
(1) ଉତ୍ତରପୁରୁଷ
(2) ଖର୍ବପୁରୁଷ
(3) ପୂର୍ବପୁରୁଷ
(4) ଗର୍ବୀପୁରୁଷ

97. 'କରୀନ୍ଦ୍ର' ର କେଉଁ ସନ୍ଧି ବିଚ୍ଛେଦଟି ଠିକ୍ ?
(1) କର + ଇନ୍ଦ୍ର
(2) କରୀ + ନ୍ଦ୍ର
(3) କର୍ + ଇନ୍ଦ୍ର
(4) କରୀ + ଇନ୍ଦ୍ର

98. 'ସୁପ୍ତ'ର ବିପରୀତ ଶବ୍ଦଟି କେଉଁଟି ?
(1) ଭୀତ
(2) ଜାଗ୍ରତ
(3) ନିଦ୍ରିତ
(4) ପରାହତ

99. ଆମ ବଟୁଆରେ କ'ଣ ଦେଇ ଚହଟ ଚିକ୍କଣ କରାଯାଏ ?
(1) ରୁପାଫୁଲ
(2) ସୁନାଫୁଲ
(3) ତମ୍ବାଫୁଲ
(4) ପିତଳଫୁଲ

**ନିମ୍ନ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100 ରୁ 105 ର ଉତ୍ତର ପ୍ରଦାନ କର ।**

ମହାଭୟେ ପଳାଇବା ପାଇଁ କରେ ମନ
ରକତ ନଦୀକୁ ଚାହିଁ ହଜିଲା ତା ଜ୍ଞାନ ।
କପାଳରେ ମାରି ହସ୍ତ ଚଉକତି ଚାହିଁ
ବୋଲେ ଏହା ଲିହିଥିଲୁ ମୋ କପାଳେ ବିହି ।
ଏଡ଼େକ ସମ୍ପଦ ଗଲା । କର୍ମର ଅବଳେ
ଖୋଜିଲେ ପାଇବି ଆଉ କାହିଁ ଏତେବେଳେ ।
ସନ୍ତାପ କରଇ ତୀରେ ଥାଇ କୁରୁରାୟ
ଦେଖିଲା ଭାସି ଆସଇ ଦୁଃଶାସନ କାୟ ।
କୋଳ କରି ଧଇଲା ତା ମାନଚକ୍ରବର୍ତ୍ତୀ ।
ବାବୁ ଦୁଃଶା ପୃଥୀରେ ତୁ ଥିଲୁ ଏକ କ୍ଷତ୍ରୀ ।
ବୁଦ୍ଧିମନ୍ତ ଶୁରବନ୍ତ ବିବେକୀ ଧାର୍ମିକ
କ୍ଷତ୍ରୀୟମଣ୍ଡଳେ ତୋର ମହିମା ଯେ ଟେକ ।

**100. 'ଲିହିଥିଲୁ' କହିଲେ କ'ଣ ବୁଝାଯାଏ ?**
(1) ମାରିଥିଲୁ
(2) ଫେଡ଼ିଥିଲୁ
(3) ଲେଖିଥିଲୁ
(4) ହଜାଇଥିଲୁ

**101. କବିତାଂଶଟିରେ 'କୁରୁରାୟ' ବୋଲି କାହାକୁ କୁହାଯାଇଛି ?**
(1) ଦୁଃଶାସନ
(2) କର୍ଣ୍ଣ
(3) ଜୟଦ୍ରଥ
(4) ଦୁର୍ଯ୍ୟୋଧନ

**102. 'ପୃଥୀରେ ତୁ ଥିଲୁ ଏକ କ୍ଷତ୍ରୀ' – କାହା ସଂପର୍କରେ କୁହାଯାଇଛି ?**
(1) ଲକ୍ଷ୍ମଣକୁମାର
(2) ଦୁର୍ଯ୍ୟୋଧନ
(3) ଦୁଃଶାସନ
(4) ଶଲ୍ୟ

**103. 'କପାଳରେ କର (ହସ୍ତ) ମାରିବା' – ରୂଢ଼ିର ଅର୍ଥ କ'ଣ ?**
(1) କପାଳଛୁଇଁବା
(2) କପାଳରେ ଚନ୍ଦନ ଦେବା
(3) କପାଳ ମର୍ଦ୍ଦନ କରିବା
(4) ଦୁଃଖରେ ଭାଙ୍ଗି ପଡ଼ିବା

**104. 'ଦୁଃଶାସନ' ର କେଉଁ ସନ୍ଧିବିଚ୍ଛେଦଟି ଠିକ୍**
(1) ଦୁଃଶା + ସନ
(2) ଦୁଃଶାସ + ନ
(3) ଦୁଶ୍ + ଆସନ
(4) ଦୁଃ + ଶାସନ

**105. 'ଚଉକତି' ଶବ୍ଦର ଅର୍ଥ କ'ଣ ?**
(1) ଚାରିଆଡ଼କୁ
(2) ଗୋଟିଏ ଦିଗକୁ
(3) ଉପରକୁ
(4) ତଳକୁ

www.prepp.in



106. ମାତୃଭାଷା ଭିତ୍ତିକ ବହୁଭାଷିକତା କ'ଣ ?

(1) କେବଳ ମାତୃଭାଷା ଶିକ୍ଷା

(2) ମାତୃଭାଷା ମାଧ୍ୟମରେ ଶିକ୍ଷା

(3) ପ୍ରଥମେ ମାତୃଭାଷା ଓ ପରେ ଅଧିକ ଭାଷା ଶିକ୍ଷା

(4) ମାତୃଭାଷା ଭାବେ ଅନ୍ୟାନ୍ୟ ଭାଷା ସହିତ ବିଦେଶୀ ଭାଷା ଶିକ୍ଷା

107. ସ୍କୁଲଶିକ୍ଷା ନୀତିରେ ଭାଷା _____ ଭାବରେ ଜଣାଶୁଣା

(1) ବହୁଭାଷୀ ଶିକ୍ଷା

(2) ଶିକ୍ଷାରେ ଭାଷାର ସ୍ଥାନ

(3) ମାତୃଭାଷା ଭିତ୍ତିକ ବହୁଭାଷିକତା

(4) ତ୍ରିଭାଷୀ ସୂତ୍ର

108. ସମୁଦାୟ ଭାଷାପଦ୍ଧତି ହେଉଛି –

(1) ଏକ ଧାରଣା ଯେଉଁଥିରେ ବିଦ୍ୟାର୍ଥୀ ବର୍ଣ୍ଣ, ଧ୍ୱନି, ଶବ୍ଦ, ବାକ୍ୟାଂଶ ଏବଂ ପରେ ବାକ୍ୟ ଆଦି ଗୋଟିଏ ଭାଷାରେ ଶିଖିଥାଏ ।

(2) ଏକ ଧାରଣା ଯେଉଁଠି ବିଦ୍ୟାର୍ଥୀ ଭାଷାଖଣ୍ଡରୁ ଶିଖିଥାଏ ଭାଷା ଏବଂ ଧ୍ୱନି, ବର୍ଣ୍ଣ ଭଳି କ୍ଷୁଦ୍ର ଏକକଗୁଡ଼ିକୁ ବୁଝିବାକୁ ସକ୍ଷମ ହୋଇଥାଏ ।

(3) ଏକ ଧାରଣା ଯେଉଁଠି ଭାଷା ଶିକ୍ଷା ବର୍ଣ୍ଣମାଳାର ଅକ୍ଷର ଭଳି ଛୋଟ ଏକକରୁ ହିଁ ଆରମ୍ଭ ହୋଇଥାଏ ।

(4) ଏକ ଧାରଣା ଯେଉଁଥିରେ ସବୁଯାକ ଭାଷା ସେଇ ଏକା ପଦ୍ଧତିରେ ଶିଖାଯାଇଥାଏ ।

109. 'ଭାଷା ଶିକ୍ଷାରେ ମୁଖସ୍ଥକରଣ' – ଏହା ଭାଷା ଶିକ୍ଷାର କେଉଁ ପଦ୍ଧତିକୁ ଚିହ୍ନାଇଥାଏ ?

(1) ଗଠନାତ୍ମକ ପଦ୍ଧତି

(2) ବ୍ୟାକରଣଗତ ଅନୁବାଦ ପଦ୍ଧତି

(3) ସଂଯୋଗାତ୍ମକ ପଦ୍ଧତି

(4) ସଂପୂର୍ଣ୍ଣ ଭୌତିକ ଉତ୍ତର

110. କାବ୍ୟା ହେଉଛି ଜଣେ ଭାଷା ଶିକ୍ଷୟିତ୍ରୀ । ବିଭିନ୍ନ ବିଷୟ ବସ୍ତୁ ଅନୁଯାୟୀ ଶବ୍ଦ ସଂଗ୍ରହ କରିବାକୁ ସେ ଶୀକ୍ଷାର୍ଥୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସେଥିମଧ୍ୟରୁ ଯେଉଁ ଶବ୍ଦଗୁଡିକ ସଂପର୍କହୀନ ସେଗୁଡିକୁ ପୃଥକ୍ କରିବାକୁ ନିର୍ଦ୍ଦେଶ ଦେଲେ । ଏହି ପଦ୍ଧତିକୁ କ'ଣ କୁହାଯାଏ ?

(1) ଶବ୍ଦବିନ୍ୟାସ

(2) ୱାର୍ଡଓ୍ୱେବ୍

(3) ଶବ୍ଦକ୍ରୀଡା

(4) ଶବ୍ଦଗଠନ

**111. ଶିକ୍ଷାର୍ଥୀଙ୍କର ଭାଷାଜ୍ଞାନ ପରୀକ୍ଷା ପାଇଁ ଶିକ୍ଷୟିତ୍ରୀଜଣକ ପ୍ରଶ୍ନ ତିଆରି କରିଥିଲେ । ପ୍ରତି ଅନୁଛେଦର ପଞ୍ଚମ ଶବ୍ଦଟିକୁ ସେ ଛାଡ଼ି ଯାଇଥିଲେ ଏବଂ ଛାଡ଼ି ଯାଇଥିବା ଶବ୍ଦଟିକୁ ପୂରଣ କରିବା ପାଇଁ ଶିକ୍ଷାର୍ଥୀଙ୍କୁ କହିଥିଲେ – ଏହି ଶିକ୍ଷଣପଦ୍ଧତିଟି କ'ଣ ?**

(1) ପଠନ ବୋଧଶକ୍ତି

(2) ଶବ୍ଦଜ୍ଞାନ ପରୀକ୍ଷା

(3) ଶୂନ୍ୟ ସ୍ଥାନ ପୂରଣ

(4) କ୍ଲୋଜଟେଷ୍ଟ

**112. କଥନ ସମୟରେ ଉପଯୁକ୍ତ ଶବ୍ଦ ଯଥାର୍ଥ ଉଚ୍ଚାରଣ ଆଧାରରେ ଉପଯୁକ୍ତ ସ୍ଥାନରେ ପ୍ରୟୋଗ କରିବାକୁ କୁହାଯାଏ ______**

(1) ଶରୀର ଭାଷା

(2) କଥନର ଯାନ୍ତ୍ରିକ କୌଶଳ

(3) ଭାଷାର କାର୍ଯ୍ୟ

(4) ବ୍ୟାବହାରିକ ଭାଷା

**113. ଗଳ୍ପ କଥନ ଶିକ୍ଷଣ ସାମଗ୍ରୀ ଭାବରେ କିପରି ବ୍ୟବହାର କରାଯାଇଥାଏ ?**

(1) ଶିକ୍ଷାର୍ଥୀଙ୍କୁ ଶ୍ରବଣ କାର୍ଯ୍ୟରେ ନିବିଷ୍ଟ ରଖିବାରେ

(2) ଶିକ୍ଷାର୍ଥୀଙ୍କର କଥନ କୌଶଳ ବୃଦ୍ଧି କରାଇବାରେ

(3) ଶିକ୍ଷାର୍ଥୀଙ୍କର ଭାଷା ଓ ସାହିତ୍ୟିକ ଜ୍ଞାନ ବଢାଇବାରେ

(4) ଶ୍ରେଣୀ କକ୍ଷରେ ଶୃଙ୍ଖଳା ରକ୍ଷା କରିବାରେ

**114. ପ୍ରସଙ୍ଗରେ ବ୍ୟାକରଣ କହିଲେ ବୁଝାଏ ______**

(1) ଡ୍ରିଲ ଓ ଅଭ୍ୟାସ ମାଧ୍ୟମରେ ବ୍ୟାକରଣଶିକ୍ଷା

(2) ପ୍ରଥମେ ରୂପଜ୍ଞାନ ଓ ପରେ କାର୍ଯ୍ୟ ସଂପର୍କରେ ଧାରଣା

(3) ପାରିବେଶିକ ଭାଷାରୁ ଶିକ୍ଷା ଯାହାଦ୍ୱାରା ରୂପ ଅନୁଧ୍ୟାନ ଏବଂ ପରିବେଶ ଜ୍ଞାନର ଆକଳନ

(4) ଗଠନାତ୍ମକ ଭାବରେ ରୂପଜ୍ଞାନ ଆହରଣ ଯେଉଁଥିରେ ବିଦ୍ୟାର୍ଥୀଙ୍କର ସ୍ତରକୁ ସ୍ତର ବିକାଶ ହୋଇଥାଏ ।

**115. ଏଥିମଧ୍ୟରୁ କେଉଁଟି ଲିଖନର ଶିକ୍ଷଣକୌଶଳ ନୁହେଁ ?**

(1) ଶିକ୍ଷାଦାନ ସମୟରେ ନୋଟ୍‌ଗ୍ରହଣ

(2) ପଠନ ସମୟରେ ନୋଟ୍‌ପ୍ରସ୍ତୁତି

(3) ସାରାଂଶ ଲିଖନ

(4) ଏକ କାର୍ଯ୍ୟକ୍ରମର ସୂଚୀ ପ୍ରସ୍ତୁତି

**116. ପାଠ୍ୟପୁସ୍ତକ ଲେଖକମାନେ ସର୍ବଦା ଅନ୍ୟଦ୍ୱାରା ଲିଖିତ ପାଠ୍ୟ, କବିତା ଓ ଗଳ୍ପାଦି ମୂଳଲେଖା ସମ୍ବାଦପତ୍ର, ପତ୍ରପତ୍ରିକା ଆଦିରୁ ଉଦ୍ଧାର କରିଥାନ୍ତି କାହିଁକି ?**

(1) ସେଗୁଡ଼ିକ ନିର୍ଭରଯୋଗ୍ୟ ଏବଂ ପ୍ରଚଳିତ ଭାଷାରେ ଲେଖାହୋଇଥାଏ

(2) ପାଠ୍ୟ ପୁସ୍ତକ ଲେଖକ ସେଗୁଡ଼ିକୁ ପସନ୍ଦ କରିଥାନ୍ତି

(3) ଅନୁଶୀଳନୀ ପ୍ରସ୍ତୁତିରେ ସେଗୁଡ଼ିକ ସହାୟକ ହୋଇଥାନ୍ତି

(4) ସେଗୁଡ଼ିକ ପଠନ ଯୋଗ୍ୟ ହୋଇଥାଏ

Prepp
Your Personal Exams Guide



117. ଶିକ୍ଷକ ପାଠ୍ୟକୁ ନିଜ ଅନୁସାରେ ପଢନ୍ତି ଏବଂ ପରେ ଶିକ୍ଷାର୍ଥୀ ଦଳଗତ ଭାବେ ନୋଟ୍ କରି ତାର ବ୍ୟବହାରରେ ନୂତନ ପାଠ୍ୟ ପ୍ରସ୍ତୁତ କରନ୍ତି । – ଏହି କାର୍ଯ୍ୟକୁ କ'ଣ କୁହାଯାଏ ?

(1) ଶ୍ରୁତଲିଖନ

(2) ବ୍ୟାକରଣଲିଖନ

(3) ପୁନର୍ଲିଖନ

(4) ପାରସ୍ପରିକ ଶ୍ରୁତଲିଖନ

118. ମାତୃଭାଷାର ବିକାଶକୁ ସାଧାରଣତଃ କୁହାଯାଏ –

(1) ଶିକ୍ଷଣ

(2) ଆହରଣ

(3) ବିକାଶ

(4) ବୋଧଶକ୍ତି

119. ପ୍ରଥମଶ୍ରେଣୀରେ ଜଣେ ଶିକ୍ଷୟିତ୍ରୀଙ୍କର ବିଭିନ୍ନ ଭାଷାର ଶିକ୍ଷାର୍ଥୀ ଥିଲେ । ଜଣକ ପରେ ଜଣେ ଆସି ନିଜ ନିଜର ଭାଷାରେ ବାର୍ତ୍ତାଳାପ ଜାରି ରଖିବାକୁ ସେ ସେମାନଂକୁ କହିଲେ । ଫଳରେ ପ୍ରତିଦିନ ଗୋଟିଏ ଭାଷାର ବିଦ୍ୟାର୍ଥୀ ଅନ୍ୟ ଭାଷାର କିଛି ଶବ୍ଦ ସହିତ ପରିଚିତ ହେବାକୁ ଚେଷ୍ଟାକରନ୍ତି । ଶିକ୍ଷକ ଏଠାରେ କେଉଁ କୌଶଳ ଅବଲମ୍ବନ କରିଛନ୍ତି ?

(1) ବହୁଭାଷିକତାକୁ ଶିକ୍ଷଣ ସାମଗ୍ରୀଭାବେ ଗ୍ରହଣ

(2) ବହୁଭାଷିକତା

(3) ବିଭିନ୍ନତାକୁ ଉପାଦାନ ଭାବେ ଗ୍ରହଣକରିବା

(4) ଏକ ଭାଷିକତା

120. ବିଦ୍ୟାର୍ଥୀମାନଂକୁ ଗୋଟିଏ ଭାଷା ସହିତ ପରିଚିତ କରାଇବା ଦିଗରେ କେଉଁଟି ଉପଯୁକ୍ତ କୌଶଳ ନୁହେଁ ?

(1) ରାଇମ୍ ଓ ସଂଗୀତ ମାଧ୍ୟମରେ ଶିକ୍ଷା

(2) ଛୋଟ ଛୋଟ ଶବ୍ଦ ଓ ବାକ୍ୟର ବ୍ୟବହାର ଶିକ୍ଷା

(3) ବର୍ଣ୍ଣମାଳାର ଅକ୍ଷର ଶିକ୍ଷା

(4) କଥନ ଓ ଶ୍ରବଣର ବିନିଯୋଗ ମାଧ୍ୟମରେ ଶିକ୍ଷା

www.prepp.in
Prepp Your Personal Exams Guide



ପରୀକ୍ଷାର୍ଥୀ **ଭାଷା – II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ – V** ରେ **(ପ୍ରଶ୍ନ ସଂଖ୍ୟା 121-150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V [Q. No. 121 – 150]**, if they have opted **ODIA** as **LANGUAGE – II** only.

www.prepp.in



ଭାଗ – V

ଭାଷା – II

ଓଡ଼ିଆ

ପରୀକ୍ଷାର୍ଥୀ ଭାଷା – **II** ଭାବରେ ଓଡ଼ିଆ ଭାଷା ବାଛିଥିଲେ ଭାଗ – **V** ରେ (ପ୍ରଶ୍ନ ସଂଖ୍ୟା **121-150**) ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବା ଉଚିତ୍ ।

**ନିମ୍ନ ଅନୁଚ୍ଛେଦଟିର ପାଠକରି ପ୍ରଶ୍ନ ସଂଖ୍ୟା 121-128 ର ଉତ୍ତର ପ୍ରଦାନ କର ।**

ଦୂର ପର୍ବତ ସୁନ୍ଦର ନ୍ୟାୟରେ ବଣମଣିଷ ବେପରୁଆ ଓ ଜଞ୍ଜାଳଶୂନ୍ୟ ଜୀବନ ବଞ୍ଚିଥିଲା ବୋଲି ଆମେ ଧରିନେଉ । ହିପ୍‌ପୀ ଓ ତା'ର ସମଗୋତ୍ରୀମାନେ ସଭ୍ୟତାର ଚାକଚକ୍ୟ ଛାଡ଼ନ୍ତି । ମାତ୍ର ସଭ୍ୟତାର ସବୁ ଦାନକୁ ସେମାନେ ବର୍ଜନ କରିପାରନ୍ତି ନାହିଁ । ଆମେ ଦେଖିବାକୁ ହିପପୀଟିଏ – ଦେହରେ ଅତି ସାଧାରଣ ମଇଳା ଅଳ୍ପ ଲୁଗା, କାନ୍ଧରେ ଛୋଟିଆ ବ୍ୟାଗ ସାଙ୍ଗରେ ସୀତାର ବା ସେଇଭଳି କିଛି ଖଣ୍ଡ ବାଦ୍ୟଯନ୍ତ୍ର । ତା'ର ସେତିକି ଆବଶ୍ୟକ, ସେତିକି, ତା'ର ସଂସାର । କ'ଣ କମ୍ କି ! ବଣରେ ହେଉଥିବା ବାଉଁଶରୁ ବଇଁଶୀ ତିଆରି କରିବାପାଇଁ ମଣିଷ କେତେ ହଜାର ବର୍ଷ ମାତିଲା ! ସେ ବଂଶୀରେ ସୁର ଦେବା ପାଇଁ, ନୂଆ ନୂଆ ସୁର ସୃଷ୍ଟି କରିବା ପାଇଁ କେତେ ହଜାର ବର୍ଷ ସାଧନ ନକଲା ? ସୀତାର ସଂପର୍କରେ ସେଇକଥା କୁହାଯିବ । ତାର ପାଞ୍ଚ ଖଣ୍ଡ ଓ ପାଞ୍ଚ ଆଙ୍ଗୁଠି ଚାଳନାର କାରସାଦିରେ ମଣିଷ ଯେଉଁ ସିଦ୍ଧି ଅର୍ଜିଛି, ତାକୁ ସଭ୍ୟତାର ଅବଦାନ କହିବା ଯଥେଷ୍ଟ ହେବନାହିଁ । ତାହା ହେଉଛି ମାନବ ସଭ୍ୟତାର ଚରମ ବିକାଶର ନିଦର୍ଶନ । ଏହା ବ୍ୟତୀତ ହିପ୍‌ପୀର ଛୋଟ ବ୍ୟାଗରେ ସର୍ବଦା ବୋତଲ ମହଜୁଦ୍ । କହିବା ବାହୁଲ୍ୟ, ସେ ବୋତଲରେ ପ୍ରକୃତିଜାତ ଫଳରେ ରସ ନଥାଏ । ସାଧାରଣ ହାଣ୍ଡିଆଠାରୁ ଉତ୍କୃଷ୍ଟ ମଦ ପ୍ରସ୍ତୁତ କରିବାର ଇତିହାସ ବେଶ୍ ଲମ୍ବା ଓ ମାଦକତାପୂର୍ଣ୍ଣ । ମଦ ପିଇବାର ନିଶାଠାରୁ ଅଧିକ ସ୍ୱପ୍ନିଳ ଓ ସ୍ୱାଦଯୁକ୍ତ ମଦ ରାନ୍ଧିବା ନିଶା କିଛି କମ୍ ନୁହେଁ । ପୁରାଣରେ ବର୍ଣ୍ଣନା ହୋଇଥିବା ପରି ଯଦି ସତରେ କୌଣସି ଗଛକୁ ଫୁଟାଇ ଉତ୍କୃଷ୍ଟ ମଦ ଝରି ଆସୁଥାନ୍ତା, ତେବେ 'ବଣକୁ ଫେରିଚାଲ' ଡାକରା କେତେ ବଳୀୟାନ୍ ହୁଅନ୍ତାଣି ଅନୁମାନ କରନ୍ତୁ !

121. ‘ବର୍ଜନ’ ର ଅର୍ଥ କ’ଣ ?

(1) ଲାଭକରିବା

(2) ତ୍ୟାଗକରିବା

(3) ଆମଦାନି କରିବା

(4) ରପ୍ତାନି କରିବା

122. ‘ହିପ୍‌ପୀ’ ଦେହରେ କ’ଣ ପଡ଼ିଥାଏ ?

(1) ଦାମୀଲୁଗା

(2) ସାଧାରଣ ମଇଳା ଲୁଗା

(3) କଷାୟବସନ

(4) ମଠାଲୁଗା

123. ‘ସୀତାର’ କୁ କେତୋଟି ଆଙ୍ଗୁଠିରେ ବଜାଯାଏ ?

(1) ଦୁଇଟି

(2) ତିନୋଟି

(3) ଚାରୋଟି

(4) ପାଞ୍ଚଟି

124. ‘କାରସାଦି’ ର ଅର୍ଥ କ’ଣ ?

(1) ବାୟନ

(2) କୌଶଳ

(3) ବର୍ଜନ

(4) ଆନୟନ

125. ‘ନିଦର୍ଶନ’ ଶବ୍ଦ କେଉଁ ଅର୍ଥରେ ବ୍ୟବହାର କରାଯାଇଛି ?

(1) ସମ୍ୟକ୍‌ଦର୍ଶନ

(2) ପଶ୍ଚାତଦର୍ଶନ

(3) ଦୂରଦର୍ଶନ

(4) ଉଦାହରଣ

126. ‘ପ୍ରକୃତିଜାତ’ ର କେଉଁ ବିଗ୍ରହ ବାକ୍ୟଟି ଠିକ୍ ?

(1) ପ୍ରକୃତି ପାଇଁଜାତ

(2) ପ୍ରକୃତି ରୂପେଜାତ

(3) ପ୍ରକୃତିରୁ ଜାତ

(4) ପ୍ରକୃତି ବନାମ୍ ଜାତ

127. 'ଉତ୍କୃଷ୍ଟ' ର ବିପରୀତ ଶବ୍ଦଟି କ'ଣ ?

(1) ଅନାବିଷ୍ଟ

(2) ଅବଶିଷ୍ଟ

(3) ଅସ୍ପଷ୍ଟ

(4) ନିକୃଷ୍ଟ

128. କେଉଁ ନ୍ୟାୟରେ ବଣମଣିଷ ବେପରୁଆ ଜୀବନ ବଂଚିଥିଲା ବୋଲି ଧରାଯାଏ ?

(1) ଦୂର ଦେଶ ସୁନ୍ଦର

(2) ଦୂର ନଦୀ ସୁନ୍ଦର

(3) ଦୂର ପର୍ବତ ସୁନ୍ଦର

(4) ଦୂର ପ୍ରାନ୍ତର ସୁନ୍ଦର

**ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 129 ରୁ 135 ର ଉତ୍ତର ପ୍ରଦାନ କର ।**

ମନୁଷ୍ୟକୁ ମନୁଷ୍ୟ କରିବାକୁ ହେଲେ କେବଳ ଶରୀରକୁ ଚାହିଁଲେ ଚଳିବ ନାହିଁ । ଅବଶ୍ୟ ଶରୀର ବରାବର ଛାଡ଼ିଦେବାର ଜିନିଷ ନୁହେଁ । ମାତ୍ର ଶରୀର ସଙ୍ଗେ ସଙ୍ଗେ ମନର ବିକାଶ ବାଞ୍ଛନୀୟ । ଜ୍ଞାନ, ଭାବ ଓ ନୈତିକତା ବିନା ମନୁଷ୍ୟ ଶରୀର ଜନ୍ତୁ ମାତ୍ର । ଜାଣ କି, ଏତେ ଦିନଯାଏ ତୁମ୍ଭର ପିତାମାତା ସ୍ନେହଶାସନରେ ତୁମ୍ଭର ଶରୀରକୁ କେତେକ ପରିମାଣରେ ନିର୍ମାଣ କରି ତୁମ୍ଭର ମନର ପୁଷ୍ଟି ନିମନ୍ତେ, ଜ୍ଞାନ ଓ ନୈତିକତାର ବିକାଶ ନିମନ୍ତେ ତୁମ୍ଭକୁ ଏହି ବିଦ୍ୟାଳୟକୁ ପଠାଇଅଛନ୍ତି । ଏଠାରେ ମଧ ଆସି ତୁମ୍ଭେ ସେହି ସ୍ନେହଶାସନରେ ବଢ଼ିବ । ପିଲାଦିନେ କୋରା ଖାଇଲା ବେଳେ ମାତା ଛଡ଼ାଇ ଫିଙ୍ଗି ଦେଲେ ତୁମ୍ଭେ ଯେପରି ବ୍ୟସ୍ତ ହେଉଥିଲ, ଏଠାରେ ମଧ ସେହିପରି ଗୁରୁ ତୁମ୍ଭକୁ ଶାସନ କଲାବେଳେ ଥରେ ଥରେ ତୁମ୍ଭର ଅସହ୍ୟ ହୁଏ । ସେଥିପାଇଁ କହୁଥିଲି, ତୁମ୍ଭେ ସେତେବେଳେ ବିଚାର – ଓଃ କି ଦୁଃଖ !! କିନ୍ତୁ ବିଚାରି ଦେଖ, ଏହି ଦୁଃଖ ମଧରେ ବିଶ୍ୱବିଧାତାଙ୍କର ସ୍ନେହଶାସନ ତୁମ୍ଭର ଜୀବନକୁ ଗଢ଼ୁଅଛି । ତୁମ୍ଭର ଭବିଷ୍ୟତ କଲ୍ୟାଣ ନିମନ୍ତେ ଗୁରୁ ସର୍ବଦା ଜାଗ୍ରତ ରହି ତୁମ୍ଭକୁ ପଦେ ପଦେ ଡିଆରୁଅଛନ୍ତି । ଅନନ୍ତସ୍ନେହରେ ଶାସନ ମିଶାଇ ତୁମ୍ଭ ଜୀବନର ବିକାଶ କରାଉଅଛନ୍ତି । ଯେଉଁଠାରେ ତୁମ୍ଭର ଦୟାମୟ ପିତା ଓ ସ୍ନେହମୟୀ ମାତା ନିଜକୁ ଅକ୍ଷମ ମଣିଲେ, ସେହିଠାରେ ଗୁରୁଙ୍କର କାର୍ଯ୍ୟ ଆରମ୍ଭ ହେଲା । ଜୀବନରେ ଯେଉଁ ଶାସନ, ଯେଉଁ ତାଡ଼ନା ଜୀବନର ପଦେ ପଦେ ତୁମ୍ଭକୁ ମନୁଷ୍ୟ କରିଅଛି, ତୁମ୍ଭକୁ ଏତେ ଦିନ ବଞ୍ଚାଇ ରଖିଅଛି, ଏଠାରେ ମଧ ସେହି ଶାସନ ଓ ସେହି ତାଡ଼ନା ତୁମ୍ଭଙ୍କୁ ସହିବାକୁ ହେବ । ସେହି ତାଡ଼ନା ଭିତରେ ତୁମ୍ଭର ମନୁଷ୍ୟତା ଫିଟିବ । ଆନନ୍ଦର ଆଗ୍ରହରେ ପିତାମାତାଙ୍କର ଆଦେଶ ପାଳିଲେ ଯେପରି ତୁମ୍ଭର ମଙ୍ଗଳ ହୁଏ, ଗୁରୁଙ୍କର ଆଦେଶ ଉପଦେଶ ପାଇଲେ ସେହିପରି ସହଜରେ ତୁମ୍ଭେ ସୁମନୁଷ୍ୟ ହେବ ।

129. 'ପିତାମାତା' କେଉଁ ସମାସ ?

(1) ତତ୍ପୁରୁଷ

(2) ଦ୍ୱନ୍ଦ୍ୱ

(3) ଅବ୍ୟୟୀଭାବ

(4) କର୍ମଧାରୟ

130. ଜ୍ଞାନ, ଭାବ ଓ _____ ବିନା ମନୁଷ୍ୟ ଶରୀର ଜନ୍ତୁ ମାତ୍ର ।

(1) ଆତ୍ମୀୟତା

(2) ସ୍ନେହ

(3) ନୈତିକତା

(4) ବନ୍ଧୁତା

131. 'କୋରାଖାଇବାବେଳେ' – ଏଠାରେ 'କୋରା'ର ଅର୍ଥ କ'ଣ ?

(1) ମାଡ଼

(2) ତିକ୍ତପଦାର୍ଥ

(3) ଏକପ୍ରକାର ଲଡ଼ୁ

(4) ଅମ୍ଳଜାତିର ପଦାର୍ଥ

132. ବିଶ୍ୱବିଧାତାଙ୍କର କ'ଣ ତୁମ୍ଭ ଜୀବନକୁ ଗଢୁଅଛି ?

(1) ଆକର୍ଷଣ

(2) ଆଶୀର୍ବାଦ

(3) ମମତା

(4) ସ୍ନେହଶାସନ

133. ଗୁରୁଙ୍କର କ'ଣ ପାଳିଲେ ଜଣେ ସୁମନୁଷ୍ୟ ହୋଇପାରିବ ?

(1) ଆଜ୍ଞା

(2) ନିୟମ

(3) ଆଦେଶ ଉପଦେଶ

(4) ନିର୍ଦ୍ଦେଶ

134. 'ଆଗ୍ରହ' ର ବିପରୀତ ଶବ୍ଦଟି କ'ଣ ?

(1) ବିଷାଦ

(2) ତ୍ୟାଗ

(3) ଅନାଗ୍ରହ

(4) ବ୍ୟଗ୍ର

135. ଶରୀର ସଙ୍ଗେ କାହାର ବିକାଶ ବାଞ୍ଛନୀୟ ?

(1) ମନର

(2) ହୃଦୟର

(3) ବିବେକର

(4) ସ୍ୱଚ୍ଛତାର

136. 343 (2) ଅନୁଚ୍ଛେଦ ଅନୁଯାୟୀ ସମ୍ବିଧାନରେ କେଉଁ ଭାଷା ବ୍ୟବହାରର ବ୍ୟବସ୍ଥା ରହିଛି ?

(1) ହିନ୍ଦୀ ସରକାରୀ ଭାଷା ଭାବରେ ବ୍ୟବହାର କରିବା

(2) ହିନ୍ଦୀ ସହଯୋଗୀ ସରକାରୀ ଭାଷା ଭାବରେ ବ୍ୟବହାର କରାଯିବା

(3) ଇଂରେଜୀକୁ ସରକାରୀ ଭାଷାରୂପେ ବ୍ୟବହାର କରିବା

(4) ଇଂରେଜୀକୁ ସହଯୋଗୀ ସରକାରୀ ଭାଷା ଭାବରେ ବ୍ୟବହାର କରିବା

137. ଏଥିମଧ୍ୟରୁ କେଉଁଟି ଶାସ୍ତ୍ରୀୟ ଭାଷାର ଉପାଦାନ ଭାବରେ ଗ୍ରହଣ କରାଯାଏନାହିଁ ?

(1) 1500 ରୁ 2000 ବର୍ଷର ଭାଷା ଓ ସାହିତ୍ୟର ଇତିହାସ ଥିବା ଆବଶ୍ୟକ

(2) ସେହି ଭାଷାରେ କିଛି ପ୍ରାଚ଼ୀନ ସାହିତ୍ୟ ଓ ପୁରାଣ ରଚ଼ିତ ହୋଇଥିବା ଦରକାର

(3) ସେ ଭାଷା ଅନୁସୂଚିତ ଭାଷା ତାଲିକା ଅନ୍ତର୍ଭୁକ୍ତ ଥିବା ଆବଶ୍ୟକ

(4) ଭାଷାର ସ୍ୱତନ୍ତ୍ର ଲିଖନ ପରଂପରା ଥିବ ଏବଂ ତାହା ଅନ୍ୟ ଭାଷା ଗୋଷ୍ଠୀରୁ ଗ୍ରହଣ କରାଯାଇନଥିବ

138. ଶିକ୍ଷାର୍ଥୀଙ୍କର ଶ୍ରବଣ କୌଶଳ କିପରି ଆକଳନ କରାଯାଇ ପାରିବ ?

(1) ବାରମ୍ବାର ଅଭ୍ୟାସ ମାଧ୍ୟମରେ

(2) ଗୋଟିଏ ଗପ କହି ତା'ର ବିଷୟବସ୍ତୁ ଆଧାରରେ ପ୍ରଶ୍ନ କରିବା

(3) ମୌନ-ପଠନ କରିବାକୁ ଅଧିକ ସୁଯୋଗ ଦେବା

(4) ଭ୍ରମଣ ପାଇଁ ସେମାନଙ୍କୁ ବାହାରକୁ ନେଇଯିବା

139. ପଠନ ଆରମ୍ଭ ବେଳେ ପ୍ରଥମେ ଶିକ୍ଷକ କେଉଁ ବିଷୟରେ ଧ୍ୟାନ ଦେବା ଉଚିତ ?

(1) ଭାଷାର ବର୍ଣ୍ଣଗୁଡ଼ିକୁ ମନେ ରଖିବା

(2) ପଠନରେ ଅନର୍ଗଳତା

(3) ଅକ୍ଷର-ଧ୍ୱନିର ମେଳ ବୃଦ୍ଧି କରାଇବା

(4) ପଠନର ସଠିକତା

140. ଶ୍ରବଣ ଓ ପଠନଦ୍ୱାରା କେଉଁ କୌଶଳ ଜଣା ପଡ଼ିଥାଏ –

(1) ଗ୍ରହଣ କୌଶଳ

(2) ପ୍ରକାଶ କୌଶଳ

(3) ଆଗ୍ରହ ଉଦ୍ଦୀପକ କୌଶଳ

(4) ଚିନ୍ତନ କୌଶଳ

141. ଶିକ୍ଷକ ଅପରିପକ୍ୱ ଲେଖକଙ୍କର ଆବଶ୍ୟକତା ଅନୁଯାୟୀ ସମସ୍ତଙ୍କୁ କିପରି ସାହାଯ୍ୟ କରିପାରିବେ ?

(1) ସେମାନେ କରୁଥିବା ବ୍ୟାକରଣିକ ତ୍ରୁଟିକୁ ଚିହ୍ନଟ କରି ପ୍ରତ୍ୟେକ ତ୍ରୁଟି ସଂପର୍କରେ ଅବଗତ କରାଇବେ

(2) ସେମାନଙ୍କୁ ଉତ୍ସାହିତ କରାଇ ସେମାନଙ୍କର ଲେଖାରୁ ଉଦାହରଣ ନେଇ ମନ୍ତବ୍ୟ ଦେବେ

(3) ତ୍ରୁଟି ଉପରେ ଗୁରୁତ୍ୱ ନଦେବାକୁ ପରାମର୍ଶ ଦେବେ

(4) କ୍ଲାସ୍‌ରେ ଭଲ ଭାବରେ ଲେଖି ପାରୁଥିବାରୁ ସେମାନଙ୍କୁ ପୁରସ୍କାର ଦେବେ

142. ଭାଷା ଆହରଣ ଓ ଭାଷା ଶିକ୍ଷା ମଧ୍ୟରେ କେଉଁଟି ମୁଖ୍ୟ ?

(1) ଅନର୍ଗଳତା ଓ ସଠିକତା

(2) ଭାଷା ଉପରେ ଜ୍ଞାନ

(3) ସଠିକତା ଓ ଜ୍ଞାନ

(4) ଗତି ଓ ଉଚ୍ଚାରଣ

143. ମାତୃଭାଷାକୁ ସାମଗ୍ରୀ ଭାବରେ ବ୍ୟବହାର କରାଯିବା ବ୍ୟବସ୍ଥାରେ ଏଥିମଧ୍ୟରୁ କେଉଁଟି ଅସଂଗତ ?

(1) ଏହା ଶିକ୍ଷାର୍ଥୀଙ୍କୁ ଶିକ୍ଷଣ, ଚିନ୍ତନ ଓ ବାର୍ତ୍ତାଳାପ କରିବାରେ ସହାୟକ ହୋଇଥାଏ

(2) ଅର୍ଥ ନିର୍ଦ୍ଧାରଣ କରିବାରେ ଏହା ସହାୟକ ଭୂମିକା ଗ୍ରହଣ କରିଥାଏ

(3) ମାତୃଭାଷା ଅଧିକ ଶୈକ୍ଷିକ ପରିବେଶ ଯୋଗାଇଥାଏ

(4) ଏହା ଦ୍ୱିତୀୟଭାଷାକୁ ଗୁରୁତ୍ୱ ନଦେବାରେ ସାହାଯ୍ୟ କରେ

144. ପ୍ରାଥମିକ ସ୍ତରରେ ଶିଶୁର ଭାଷା ବିକାଶରେ ଏଥିମଧ୍ୟରୁ କେଉଁଟି ଗୁରୁତ୍ୱପୂର୍ଣ୍ଣ ?

(1) ବ୍ୟାକରଣ ଜ୍ଞାନ

(2) ଉନ୍ନତ ଭାଷା ପରିବେଶ

(3) ଭାଷାର ପାଠ୍ୟପୁସ୍ତକ

(4) ଶିଶୁର ଆକଳନ

145. 'ପୋଟ୍‌ଫୋଲିଓ' କାହାର ଉଦାହରଣ ?

(1) ସ୍ୱୟଂ ମୂଲ୍ୟାୟନ

(2) ଶିକ୍ଷକଙ୍କଦ୍ୱାରା ମୂଲ୍ୟାୟନ

(3) ଉଭୟ ଶିକ୍ଷକ ଓ ନିଜଦ୍ୱାରା ମୂଲ୍ୟାୟନ

(4) ରାଜ୍ୟ ବୋର୍ଡ଼ ଦ୍ୱାରା ମୂଲ୍ୟାୟନ

146. "କ୍ରସ୍‌ୱାର୍ଡ୍" ର ବ୍ୟବହାରରେ ଧନ୍ଦା ଦେଲେ କାହାର ବିକାଶ ହୋଇଥାଏ ?

(1) ଶ୍ରବଣ କୌଶଳ

(2) ଲିଖନ କୌଶଳ

(3) ଶବ୍ଦ ଜ୍ଞାନ

(4) ସାହିତ୍ୟ ଜ୍ଞାନ

147. କଥନ କାର୍ଯ୍ୟର ଆକଳନ କଲାବେଳେ ଏଥିମଧ୍ୟରୁ କାହାର ଆବଶ୍ୟକତା ନାହିଁ ?

(1) ଧ୍ୱନି ଓ ଶବ୍ଦର ଉଚ୍ଚାରଣ

(2) ପରିବେଶ ଅନୁଯାୟୀ ଉପଯୁକ୍ତ ଶବ୍ଦର ବ୍ୟବହାର

(3) ଭାଷାକୋଷ ଓ ଶବ୍ଦକୋଷର ବ୍ୟବହାର

(4) କଥନରେ ସ୍ପଷ୍ଟତା

148. ଗୋଟିଏ ଭାଷାର ଅକ୍ଷର ସହିତ ତାର ଉଚ୍ଚାରଣ ଦର୍ଶାଇ ଶିକ୍ଷଣ ଓ ପଠନ କାର୍ଯ୍ୟକୁ ______ ପଦ୍ଧତି କୁହାଯାଏ ?

(1) ପ୍ରତ୍ୟକ୍ଷ ପଦ୍ଧତି

(2) ଧ୍ୱନିତାତ୍ତ୍ୱିକ ପଦ୍ଧତି

(3) ପୂର୍ଣ୍ଣ ଭାଷା

(4) ଖଣ୍ଡ ଭାଷା

149. ପାଠ୍ୟପୁସ୍ତକ ବାହାରକୁ ଯିବା କହିଲେ ବୁଝାଏ –

(1) ପାଠ୍ୟପୁସ୍ତକ ଛାଡି ଅଧିକ ଶିକ୍ଷଣ ସାମଗ୍ରୀ ଯୋଗାଇବା

(2) ପାଠ୍ୟପୁସ୍ତକ ଉପରେ ଗୁରୁତ୍ୱ ନଦେଇ ତା ବାହାରକୁ ଯିବା

(3) ଜ୍ଞାନ ଆଧାରିତ ପାଠ୍ୟପୁସ୍ତକ ହେବା ଦରକାର

(4) ପାଠ୍ୟପୁସ୍ତକ ଛଡ଼ା ଅଧିକ ପଢିବାକୁ ଦେଇ ଶିକ୍ଷାର୍ଥୀଙ୍କୁ ବୋଝ ନଦେବା

150. ତୃତୀୟ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ଶିକ୍ଷକ ଗୋଟିଏ ଲଫାପା ପ୍ରସ୍ତୁତ କରିବାକୁ ଉପଦେଶ ଦେଉଛନ୍ତି ଏବଂ ଶିକ୍ଷାର୍ଥୀ ତାକୁ ଗ୍ରହଣ କରୁଛନ୍ତି । ଭାଷା ଶିକ୍ଷା ସମୟରେ ଏ ପ୍ରକାରର କାର୍ଯ୍ୟଦ୍ୱାରା ଶିକ୍ଷାର୍ଥୀ କିପରି ଭାବେ ଉପକୃତ ହେବେ ?

(1) ଲିଖନ କୌଶଳର ବୃଦ୍ଧି ହେବ

(2) କଥନ କୌଶଳର ବୃଦ୍ଧି ହେବ

(3) ଶ୍ରବଣ କୌଶଳର ବୃଦ୍ଧି ହେବ

(4) ସୃଜନ କୌଶଳର ବୃଦ୍ଧି ହେବ

www.prepp.in



## SPACE FOR ROUGH WORK

www.prepp.in



**ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :**

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା-2 ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତର ପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍‌ଦ୍ୱାରା ପଢାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟ୍ରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

www.prepp.in

Prepp
Your Personal Exams Guide



**निम्नलिखित निर्देशों को ध्यान से पढ़ें :**

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें ।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **काले/नीले बॉल पॉइन्ट पेन** से भरें । एक बार उत्तर अंकित करने के बाद उसे बदला नहीं जा सकता है ।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें ।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
5. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
6. OMR उत्तर पत्र में कोडित जानकारी को एक मशीन पढ़ेगी । इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए ।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
8. मोबाइल फोन, बेतार संचार युक्तियाँ (स्वीच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए । इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और उनके विरुद्ध कार्यवाही की जाएगी, परीक्षा रद्द करने सहित ।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
11. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा । **परीक्षार्थी अपने बाएँ हाथ के अंगूठे का निशान हाज़िरी-पत्र में दिए गए स्थान पर अवश्य लगाएँ ।**
12. इलेक्ट्रॉनिक / हस्तचालित परिकलक का उपयोग वर्जित है ।
13. परीक्षा हॉल/कक्ष में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
14. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
15. **परीक्षा सम्पन्न होने पर, परीक्षार्थी हॉल / कक्ष छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें । परीक्षार्थी अपने साथ इस परीक्षा पुस्तिका को ले जा सकते हैं ।**

**READ THE FOLLOWING INSTRUCTIONS CAREFULLY:**

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Black/Blue Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against them including cancellation of examination.
9. Each candidate must show on demand his / her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his / her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic / Manual Calculator is prohibited.
13. The candidates are governed by all Rules and Regulations of the Board with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Board.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room. *The candidates are allowed to take away this Test Booklet with them.***